# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୧୧ ମାର୍ଚ୍ଚ ୨୦୨୬

----

**[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ସମବାୟ - ଶକ୍ତି - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ONDC & Commence Integration for Rural MSME

***56 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The ministry's 'MSE Team' initiative targets integrating 5,00,000 MSEs onto the ONDC platform by 2025, with focus on tier-II and tier-III cities, how many MSMEs from Satyabadi have been successfully onboarded onto ONDC and GeM portals, what targeted capacity-building workshops are being conducted in Satyabadi Blok to ensure rural traders and artisans can leverage digital commerce ?

----

### କାର୍ଯ୍ୟକ୍ରମ ବଳଭଦ୍ର ଜୈବିକ ଚାଷମିଶନ ସଂସ୍ଥା

***241 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜୈବ ଚାଷର ବିକାଶ ଦିଗରେ ଆରମ୍ଭ ହୋଇଥିବା ବଳଭଦ୍ର ଜୈବିକ ଚାଷମିଶନ ଏବେ କେତେ ଦୂର କାମ କରୁଛି ; ଜୈବ ପ୍ରମାଣନ ସଂସ୍ଥା ଏ ଦିଗରେ କଣ ପଦକ୍ଷେପ ନେଇଛି ?

----

## ରାସନକାର୍ଡ଼ ଯୋଗାଣ

***242 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତେ ସଂଖ୍ୟକ ରାସନ୍ କାର୍ଡ ହିତାଧିକାରୀ ରହିଛନ୍ତି, ଗତ ୨ବର୍ଷ ମଧ୍ୟରେ କେଉଁ କେଉଁ ଜିଲ୍ଲାରୁ କେତେ ହିତାଧିକାରୀ ରାସନ୍ କାର୍ଡରୁ ବାଦ୍ ପଡିଛନ୍ତି, କୋରାପୁଟ ଜିଲ୍ଲାରେ ଏହି ସଂଖ୍ୟା କେତେ ; ବର୍ତ୍ତମାନ ସୁଦ୍ଧା କେତେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ପାଇଁ ଆବେଦନ କରିଛନ୍ତି ; କେବେ ସୁଦ୍ଧା ଯୋଗ୍ୟ ହିତାଧିକାରୀ ରାସନ୍ କାର୍ଡ ମିଳିବ ?

----

## ମାଛ ଚାଷର ବିକାଶ ପାଇଁ ପୋଖରୀ ଖନନ

***243 ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଛ ଚାଷର ବିକାଶ ପାଇଁ ସରକାର ନିର୍ଦ୍ଧାରଣ କରିଥିବା ପୋଖରୀ ଖନନ ପାଇଁ ହେକ୍ଟର ପିଛା 7 ଲକ୍ଷ ଓ input ପାଇଁ 4 ଲକ୍ଷ ମଧ୍ୟରୁ (ପୋଖରୀ ଖନନ ପାଇଁ 7 ଲକ୍ଷ ପର୍ଯ୍ୟାପ୍ତ ନୁହଁ) କ୍ଷେତ୍ର ଅଧିକାରୀମାନେ ଏହି ରାଶିକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ବାରମ୍ବାର ଦେବା ସତ୍ତ୍ୱେ ଏହା ବୃଦ୍ଧି କରାଯାଉନାହିଁ ; ଯାହାଦ୍ୱାରା ମାଛ ଚାଷୀମାନେ ମାଛଚାଷ ପାଇଁ କୁଣ୍ଠାବୋଧ କରୁଛନ୍ତି ; ଏହି ରାଶି ବୃଦ୍ଧି କରିବା ପାଇଁ ସରକାର କିଛି ପଦକ୍ଷେପ ନେବେ କି?

----

## ଆସିକା ଚିନିକଳକୁ ମିଳିଥିବା ଅନୁଦାନ ସଠିକ୍ ବିନିଯୋଗ

***244 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ବର୍ଷ ମଧ୍ୟରେ ଆସିକା ଚିନି ଶିଳ୍ପକୁ କେତେ କେତେ ପରିମାଣର ସରକାରୀ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି, ଏହାକୁ ସଠିକ ଭାବରେ ବିନିଯୋଗ କରାଯାଉଛି କି, ପ୍ରତ୍ୟେକ ବର୍ଷ ସରକାରୀ ଅନୁଦାନ ଦେବା ଫଳରେ ଶିଳ୍ପ ସଂସ୍ଥାର କଣ କଣ ଉନ୍ନତି ପରିଲକ୍ଷିତ ହୋଇଛି, ନୂତନ ଡିଷ୍ଟିଲେରୀ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ, ୨୦୨୬-୨୭ ପାଇଁ କେତେ ପରିମାଣ (ଏକର) ଆଖୁ ଚାଷର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ?

----

## ବିଦ୍ୟୁତଦେୟ ବକେୟା ଯୋଗୁଁ L.I. point କୁ Line Dis-connect କରିବା

***245 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ୫ ବର୍ଷ ଭିତରେ ବିଦ୍ୟୁତ ଦେୟ ବକେୟା ଥିବା କାରଣରୁ ରାଜ୍ୟରେ କେତେଗୋଟି L.I. point କୁ Line Dis-connect କରାଯାଇଛି ; (ଖ) ଚାଷୀମାନଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ କି ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବୁଣାକାର ମାନଙ୍କୁ ତନ୍ତଶାଳା ନିର୍ମାଣ ପାଇଁ ଆର୍ଥିକ ସହାୟତା

***246 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ସମୁଦାୟ କେଉଁଠାରେ ଓ କେତେଗୋଟି ସୂତା କଳ କିମ୍ୱା ଲୁଗା କଳ ଅଛି, ଗତ 25 ବର୍ଷ ଭିତରେ ଓଡ଼ିଶାରେ ଗୋଟିଏ ହେଲେ ସୂତା କଳ କିମ୍ୱା ଲୁଗାକଳ ନିର୍ମାଣ କରାଯାଇନଥିବାର କାରଣ କଣ, ଓଡ଼ିଶାରେ ଅଚଳ ହୋଇପଡ଼ିଥିବା ସମସ୍ତ ସରକାରୀ ଓ ଘରୋଇ ସୂତା କଳ ଗୁଡ଼ିକୁ ପୁନଃ ଚାଲୁ କରିବା ପାଇଁ ସରକାର ପଦକ୍ଷେପ ନେବେ କି, ଏତଦ୍ ବ୍ୟତୀତ ରାଜ୍ୟରେ କେତେ ବୁଣାକାର ଅଛନ୍ତି ଓ ସରକାର ବୁଣାକାର ମାନଙ୍କ ପାଇଁ ତନ୍ତଶାଳା ନିର୍ମାଣ କରିବା ପାଇଁ ଆର୍ଥିକ ସହାୟତା ଦେବେ କି ?

----

## ନୟାଗଡ ଛେନାପୋଡକୁ GI Tag ମାନ୍ୟତା

***247 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ ପ୍ରସିଦ୍ଧ ଛେନାପୋଡକୁ GI Tag ପ୍ରଦାନ ସହ ତାହାର ପ୍ରକୃତ ନିର୍ମାତା ଓ ଉତ୍ପତ୍ତି ସ୍ଥଳ ନିର୍ଦ୍ଧାରଣ ସମ୍ପର୍କରେ ସରକାର କି ପଦକ୍ଷେପ ନେଇଛନ୍ତି ଓ ଏ ଦିଗରେ କେତେ ଅଗ୍ରଗତି ହୋଇଅଛି ପ୍ରକାଶ କରିବେ କି ?

----

## ବିରିବାଟି ଠାରେ Science Park ପ୍ରତିଷ୍ଠା

***248 ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଦ୍ୱାରା ନିକଟରେ ଅନୁମୋଦିତ 'ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାପରିଷଦ' ଯୋଜନା (2025-2030) ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳୀର ନିମେଇଁଶାପୁର ପଞ୍ଚାୟତ, ବିରିବାଟି ଠାରେ ଏକ ବିଜ୍ଞାନ ପାର୍କ (Science Park) ପ୍ରତିଷ୍ଠା ପାଇଁ କୌଣସି ପ୍ରସ୍ତାବ ରହିଛି କି ; କଟକ-ପାରାଦ୍ୱୀପ ଜାତୀୟ ରାଜପଥ-53 କୂଳରେ ଉପଲବ୍ଧ 5.5 ଏକର ଜମି ଏବଂ ଏହାର ଆଖପାଖରେ ଥିବା ପ୍ରାୟ ୪୦ ରୁ ଅଧିକ ଶିକ୍ଷାନୁଷ୍ଠାନକୁ ଦୃଷ୍ଟିରେ ରଖି ଏହି ସ୍ଥାନରେ ଏକ 'ଇନୋଭେସନ ହବ୍' ନିର୍ମାଣ କରିବା ପାଇଁ ସରକାର ପ୍ରାଥମିକତା ଦେବେ କି ; ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ପାଇଁ କି ପଦକ୍ଷେପ ନିଆଯାଉଛି?

----

## ମାଣ୍ଡିଆ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷ

***249 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜ୍ୟରେ ମାଣ୍ଡିଆ ମିଶନ (Millet Mission) ମାଧ୍ୟମରେ କେତେ ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯାଥିଲା, ସେଥିପାଇଁ କେବେ ଅର୍ଥ ଖର୍ଚ୍ଚ କରାଯାଇଛି ଓ କେତେ ମାଣ୍ଡିଆ ଉତ୍ପାଦନ ପାଇଁ ଲକ୍ଷ ଧାର୍ଯ କରାଯାଇଥିଲା, ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଶସ୍ୟ ତୁଳନାରେ ପ୍ରକୃତରେ କେତେ ଉତ୍ପାଦନ ହେଲା, ଉତ୍ପାଦିତ ମାଣ୍ଡିଆ ମଧ୍ୟରୁ କେତେ ମାଣ୍ଡିଆ ସଂଗ୍ରହ କରି ସରକାର କେତେ ଅର୍ଥ ପାଇଛନ୍ତି ଏବଂ ରାଜ୍ୟର ଚାହିଦା ମେଣ୍ଟାଇବା ପରେ କେତେ ମାଣ୍ଡିଆ ଅନ୍ୟ ରାଜ୍ୟକୁ ବିକ୍ରି କରାଯାଇଛି ?

----

## ଉତ୍ପାଦିତ ହେଉଥିବା ଅରୁଆ ଓ ଉଷୁନା ଚାଉଳ

***250 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନିବର୍ଷରେ କେତେ ଅରୁଆଚାଉଳ, ଉଷୁନାଚାଉଳ ଉତ୍ପାଦିତ ହୋଇଥିବାବେଳେ ତନ୍ମଧ୍ୟରୁ କେତେ ଚାଉଳ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସହ ଅନ୍ୟ କାର୍ଯ୍ୟ ପାଇଁ ବିନିଯୋଗ ହେଉଛି, ବଳକା ଚାଉଳକୁ ଭାରତୀୟ ଖାଦ୍ୟନିଗମ ଗ୍ରହଣ କରିବା ସହ ବଳକା ଚାଉଳକୁ ଖୋଲାବଜାରରେ ବିକ୍ରୟ କରିବା ବାହାର ରାଜ୍ୟକୁ ଓ ବିଦେଶକୁ ରପ୍ତାନୀପାଇଁ ବ୍ୟବସ୍ଥା କରୁଛନ୍ତି କି ?

----

## ପେଠକଟା ଠାରେ Fishing Landing Station ପ୍ରତିଷ୍ଠା

***251 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ସହର ଅନ୍ତର୍ଗତ ପେଣ୍ଠକଟାଠାରେ ଏକ Fishing Landing Station ର ପ୍ରସ୍ତାବ ରହିଥିଲା, ଯାହା ସେଠାରେ ଥିବା ମତ୍ସ୍ୟଜୀବୀ ପରିବାରଙ୍କ ସହ ପୁରୀ ଜିଲ୍ଲାର ସମସ୍ତ ମତ୍ସ୍ୟଜୀବୀ ପରିବାରଙ୍କ ସହ ପୁରୀ ଜିଲ୍ଲାର ସମସ୍ତ ମତ୍ସ୍ୟଜୀବୀ ପରିବାରମାନେ ଉପକୃତ ହୋଇପାରନ୍ତେ ଏବଂ ଏକ ସ୍ଥାନରୁ ମତ୍ସ୍ୟଜୀବୀ ପରିବାର ମାନେ ସମୁଦ୍ରକୁ ଯାତାୟତ ର ସମ୍ପୂର୍ଣ୍ଣ ବ୍ୟବସ୍ଥା ପ୍ରଶାସନିକ ନିଜର ଓ ନିୟନ୍ତ୍ରଣ ମଧ୍ୟରେ ରହିପାରନ୍ତା Fishing Landing Station ର ଆଜିକା ଦିନର ସ୍ଥିତି କଣ ଏବଂ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ନୂତନ ସମବାୟ ସମିତି ସୃଷ୍ଟି

***252 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ନୂଆ ସମବାୟ ସମିତି ସୃଷ୍ଟି କରାଯାଇଛି ଓ ଏଗୁଡିକ କେଉଁ ସ୍ଥାନରେ କରିବାପାଇଁ ବିଭାଗ ନିଷ୍ପତ୍ତି ନେଇଛି ତା'ର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଏହି ସମବାୟ ସମିତି ଗୁଡିକ ପାଇଁ କେବେଠାରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ, ନିର୍ଦ୍ଦେଶାବଳି/ନିଯୁକ୍ତି ପ୍ରକ୍ରିୟା କ'ଣ ରହିବ ଏବଂ କେଉଁ ସଂସ୍ଥା ଏହାକୁ କରିବ ତା'ର ସୂଚନା ପ୍ରଦାନ କରିବେ କି, ସେହିପରି ନୂଆ ସମବାୟ ନୀତି କଣ ରହିଛି, ଏହା କେବେ ସୁଦ୍ଧା ସାରା ରାଜ୍ୟରେ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ବିଭାଗ ପଦକ୍ଷେପ ଗ୍ରହଣ କରୁଛି ତାର ସବିଶେଷ ତଥ୍ୟ ଜଣାଇବେ କି, ସମବାୟ ସମିତିଗୁଡିକ ଆଗାମୀ ଦିନରେ କି କି ପ୍ରକାରର ସେବା ଯୋଗାଇବା ସହ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି ?

----

## କାର୍ଯ୍ୟରତ Tata Power ର ସେବା ଓ ଦକ୍ଷତାର ମାପଦଣ୍ଡ

***253 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କାର୍ଯ୍ୟରତ Tata Power ର କାର୍ଯ୍ୟ ଓ ସେବା ଦକ୍ଷତାର ମୂଲ୍ୟାଙ୍କନର ମାପଦଣ୍ଡ କଣ ରହିଛି,Tata Power ଦାୟିତ୍ୱ ନେବା ପରଠାରୁ , ବିଦ୍ୟୁତ ପରିବହନ ଏବଂ ବିତରଣ କ୍ଷେତ୍ରରେ ଉନ୍ନତି ଆସିଛି କି; ଯଦି ହଁ, ତେବେ ପୂର୍ବ ଓ ବର୍ତ୍ତମାନ ପରିବହନ ଏବଂ ବିତରଣ କ୍ଷେତ୍ରରେ ତୁଳନାତ୍ମକ ତଥ୍ୟ ଦେବେ କି ?

----

## ବୁଣାକାରଙ୍କ ଉନ୍ନତି

***254 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ବମକୋଇ ପାଟର ଚାହିଦା ଥିବାରୁ ଏହା ପ୍ରସିଦ୍ଧି ଲାଭ କରିଛି, ଉକ୍ତ ବୁଣାକାରମାନଙ୍କ ଉନ୍ନତି ଏବଂ ଏସବୁ ଜିନିଷର ଉନ୍ନତମାନର ବ୍ୟବସାୟ ପାଇଁ ସେମାନଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ପ୍ରୋତ୍ସାହନ ଦେବା ସହ ସ୍ୱାବଲମ୍ବୀ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଖଣ୍ଡପଡା ଠାରେ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ନିର୍ମାଣ

***255 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ ତଥା ଆତ୍ମନିଯୁକ୍ତି ପାଇଁ କୌଣସି ସୁବିଧା ଉପଲବ୍ଧ ନଥିବାରୁ ଏ ଅଞ୍ଚଳରୁ ମାତ୍ରାଧିକ ଅନ୍ୟତ୍ର ସ୍ଥାନାନ୍ତର ହେଉଛନ୍ତି ; ଏହାକୁ ଦୃଷ୍ଟିରେ ରଖି ଏକ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି?

----

## Science Park ସ୍ଥାପନ

***256 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ କେତେଗୋଟି ସ୍ଥାନରେ Science Park ବା Dist Science Center ଅଛି ; ବାଲେଶ୍ୱର ଜିଲ୍ଲାରେ ଅନ୍ୟ ଜିଲ୍ଲା ଭଳି ସରକାର ପକ୍ଷରୁ ଏକ Science Park ନିର୍ମାଣ ପାଇଁ ଯେଉଁ ପ୍ରସ୍ତାବ ହୋଇଥିଲା ତାହାର ବର୍ତ୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ ; ଜିଲ୍ଲାପାଳ ବାଲେଶ୍ୱର ଉପଯୁକ୍ତ ଜମି ଚିହ୍ନଟ କରି ନଦେବାର କାରଣ କଣ ; ଏହି Dist Science Center ନିର୍ମାଣ କରିବା ପାଇଁ ସରକାର ଜମି ଚିହ୍ନଟ, DPR, Tender ଏସବୁ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବେ କି ?

----

## କୃଷି ଫାର୍ମ ଗୁଡିକୁ କାର୍ଯ୍ୟକ୍ଷମ କରିବା

***257 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଠାରେ କୃଷି ଫାର୍ମ, ଉଦ୍ୟାନ କୃଷି ଫାର୍ମ ଓ ମୃତ୍ତିକା ସଂରକ୍ଷଣ ଫାର୍ମ ଥିବାବେଳେ ତନ୍ମଧ୍ୟରୁ କେଉଁ ଫାର୍ମ ଗୁଡ଼ିକ ଅଚଳ ଅବସ୍ଥାରେ ଅଛି, ସେହି ଫାର୍ମକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ଏବଂ ସଚଳ ଫାର୍ମ ମାନଙ୍କରେ ଉନ୍ନତମାନର ବିହନ ଉତ୍ପାଦନ, ଭିତ୍ତିଭୂମି ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Mid day meal ପାଇଁ ଚାଉଳ supply

***258 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ପ୍ରତ୍ୟେକ ସ୍କୁଲ ପିଲାଙ୍କୁ mid-day meal ପାଇଁ କେଉଁ ସଂସ୍ଥା ଚାଉଳ supply କରୁଛି, Supply ସମୟରେ ଚାଉଳର ମାପ ଦଣ୍ଡ କେଉଁ ମାନରେ ମାପିବା ପାଇଁ କାହାକୁ ଦାୟିତ୍ୱ ଦିଆଯାଇଛି, ସ୍କୁଲକୁ ପହଂଚିବା ସମୟରେ ପ୍ରତ୍ୟେକ ଚାଉଳ ବସ୍ତାରୁ ପ୍ରାୟତଃ 3-5 kg ଚାଉଳ କମ କରି ଦିଆଯାଉଛି, ଏଥି ପ୍ରତି ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## SHG Group ଦ୍ୱାରା ମାଛ ଚାଷ

***259 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବାର୍ଷିକ କେତେ ମଧୁର ମାଛର ଆବଶ୍ୟକତା ଥିବାବେଳେ କେତେ ମାଛ ଉତ୍ପାଦିତ ହେଉଛି, ଏହାର ଏକ ଜିଲ୍ଲାୱାରୀ ବିବରଣୀ ଦେବେ କି ଓ କେତେ ପରିମାଣର ମାଛ ବାହାର ରାଜ୍ୟରୁ ଆମଦାନୀ ହେଉଛି, ମାଛ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି, ଏହା ସହ ବାୟୋଫ୍ଲକ ମାଧ୍ୟମ ମାଛ ଚାଷ କରି କେତେଗୋଟି SHG ସାରା ରାଜ୍ୟରେ ଉଦାହରଣ ସୃଷ୍ଟି କରିଛନ୍ତି ?

----

## OSAM ମାଧ୍ୟମରେ ଧାନକ୍ରୟ

***260 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ କୃଷି ବିପଣ୍ଣ ବୋର୍ଡ ବା OSAM ଏଯାଏଁ କେତୋଟି ଧାନ କ୍ଲିନର ଓ କେତୋଟି ଖାଦ୍ୟ ସସ୍ୟ ଆନାଲାଇଜ କେଉଁ ଉଦେଶ୍ୟରେ କେତେ ଅର୍ଥରେ କିଣିଛି ଓ ସବୁର ଉପଯୋଗ କେଉଁ ଢଙ୍ଗରେ କେଉଁଠାରେ କରାଯାଉଛି, ଏବଂ ତଦ୍ଦ୍ୱାରା କେତେ ଚାଷି କିଭଳି ଉପକୃତ ହେଲେଣି ଏ ସବୁ ଯନ୍ତ୍ରପାତିରୁ ସୁଫଳ ମିଳୁଛି ନା ନାହିଁ ଓ ଯଦି ଉତ୍ତର ନା ହୁଏ, ତେବେ ତାର କାରଣ ଏବଂ ସେ ସମ୍ପର୍କରେ କି ପ୍ରତିକାର ବ୍ୟବସ୍ଥା କରାଯାଉଛି ?

----

## Sudden demands for Additional Security Deposit

***261 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether the Government is aware that large numbers of electricity consumers have been issued sudden demands for Additional Security Deposit (ASD) with threats of disconnection; (b) the legal basis for such revision and how many days' prior notice is prescribed and actually given to consumers before enforcing payment; how many consumers have been served ASD notices and the total amount demanded; and what steps have been taken to ensure transparency in calculation, protect consumers from arbitrary demands, provide refunds/adjustments where due, and prevent harassment ?

----

## Establish a Textile based MSME Cluster

***262 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- whether the Govt. has any concrete plan to establish a textile based MSME cluster in the Industrial Park initiated at Golamunda with about 100 acres of land in Kalahandi Dist. considering that Kalahandi is one of the highest producing district of Odisha?

----

## ରୁଗଣ୍ ଅବସ୍ଥାରେ ଥିବା MSME Unit

***263 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- June, 2024 ରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ପାଇଁ ସରକାର କଣ ପ୍ରୋତ୍ସାହନ ଦେଇଛନ୍ତି ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଓ ଅଧୁନା ଏହି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ସ୍ଥାନରେ କି କି ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ଅଛି କେତେ ଚାଲିଛି ଓ କେତେ ରୁଗଣ୍ ଅଛି ?

----

## ରାୟଗଡା ଜିଲ୍ଲାରେ ହେଉଥିବା ଜଟ୍ରୋଫା ଚାଷ

***264 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ଜଟ୍ରୋଫା ଚାଷ କେବେ ଆରମ୍ଭ ହୋଇଥିଲା, କେଉଁ ଟ୍ରଷ୍ଟ ବା ବ୍ୟକ୍ତି ବିଶେଷଙ୍କୁ ଏହି ଚାଷ ପାଇଁ ସରକାର ବିବେଚିତ କରିଥିଲେ, ଏଥିପାଇଁ କଣ ସବୁ ଯନ୍ତ୍ରାଂଶ କ୍ରୟ କରିବା ପାଇଁ ସରକାରଙ୍କ ଅନୁମୋଦନ ପରେ କେତେ ଋଣ ପ୍ରଦାନ କରାଯାଇଥିଲା, ଏହି ଚାଷର ଅବଧି କଣ ଥିଲା, ଏଥିପାଇଁ ସରକାର କେତେ ରିହାତି ଯୋଗାଇ ଦେଇଥିଲେ, ଜିଲ୍ଲାର କେଉଁ ବ୍ଲକରେ କେତେ ସରକାରୀ ଏବଂ ବେସରକାରୀ ଜମିରେ ଏହି ଚାଷ କରାଯାଇଥିଲା, ବେସରକାରୀ ଜମିରେ ଚାଷ ପାଇଁ ବ୍ୟାଙ୍କ ପକ୍ଷରୁ ଋଣର ବ୍ୟବସ୍ଥା ରହିଥିଲା କି, ଜିଲ୍ଲାର କେଉଁ ବ୍ଲକରେ କେତେ ଜଣ ଚାଷୀ ଏହି ଋଣ ନେଇଥିଲେ, କେତେ ଜଣ ଚାଷୀ ଆତ୍ମନିର୍ଭରଶୀଳ ଲାଭାନ୍ୱିତ ହୋଇପାରିଛନ୍ତି, ବର୍ତ୍ତମାନ ଏହି ଚାଷ ଏବଂ ବାୟୋ ଡିଜେଲ ଉତ୍ପାଦନ ସ୍ଥିତି କଣ ?

----

## ଖରିଫ ଓ ରବିରେ ଚାଷୀଙ୍କୁ ବିହନ ଯୋଗାଇବା

***265 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2025-26 ଖରିଫ ଓ ରବିରେ ଓଡିଶା ରାଜ୍ୟ ବିହନ ନିଗମ ଦ୍ୱାରା ଚାଷୀମାନଙ୍କୁ କେଉଁ ବର୍ଷର ଉତ୍ପାଦିତ ଓ କେବେକାର ପ୍ରମାଣିତ ବିହନ ଯୋଗାଯାଇଥିଲା, ସେହି ବିହନମାନଙ୍କରୁ seed inspector ବିହନ ବିକ୍ରୟ କେନ୍ଦ୍ର ଓ କୃଷି ବିଭାଗ ଗୋଦାମରୁ ଜିଲ୍ଲାୱାରୀ କେତେ ନମୂନା ସଂଗ୍ରହ କରି ପୁନଃ ମାନ ନିରୂପଣ ନିମନ୍ତେ OSSOPCA କୁ ପଠାଇଥିଲେ କି, ପରୀକ୍ଷଣରେ କେତୋଟି lot ର କେତେ ପରିମାଣ କି ପ୍ରକାର ବିହନର ମାନ ଖରାପ ବାହାରିଥିଲା ଏବଂ ସେହି lot ଗୁଡିକର କେତେ ପରିମାଣ କେଉଁ ଜିଲ୍ଲାର ଚାଷୀମାନଙ୍କୁ ବିକ୍ରୟ କରାଯାଇଥିଲା, ଖରାପ ବିହନ ଯୋଗୁଁ ଚାଷୀର ଉତ୍ପାଦନ ହ୍ରାସ ଯୋଗୁଁ କ୍ଷତିର ଭରଣା କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

## କାର୍ଡଧାରୀ ମାନଙ୍କୁ ଗହମ ଯୋଗାଇବା

***266 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୁବନେଶ୍ୱର ସମସ୍ତ ରାସନ କାର୍ଡ ଧାରୀ ମାନଙ୍କୁ ଗହମ ଯୋଗାଇବାପାଇଁ ବାରମ୍ବାର ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନ ହେବାର କାରଣ କଣ, କେବେ ସୁଦ୍ଧା ଗହମ ଯୋଗାଇବେ ?

----

## ସୁନ୍ଦରଗଡ଼ ଜିଲ୍ଲାରେ ଥିବା ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର

***267 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ କେତେଗୋଟି ପ୍ରାଣୀଧନ ନିରୀକ୍ଷକ (LI) କେନ୍ଦ୍ର ବିପଦସଙ୍କୁଳ ବା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି; (କେନ୍ଦ୍ର ଗୁଡ଼ିକର ନାମ ସହ ସୂଚନା ଦେବେ କି; (ଖ) ସୁନ୍ଦରଗଡ଼ ବ୍ଲକ ଅନ୍ତର୍ଗତ ଜୁଲୁମବାହାଲ (Julumbahal) LI କେନ୍ଦ୍ରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା କଥା ସରକାର ଅବଗତ ଅଛନ୍ତି କି; ଯଦି ଅଛନ୍ତି, ତେବେ ଏହି କେନ୍ଦ୍ରର ମରାମତି ବା ନୂତନ ଗୃହ ନିର୍ମାଣ ପାଇଁ ସରକାର କେବେ ସୁଦ୍ଧା ପଦକ୍ଷେପ ଗ୍ରହଣ କରିବେ ଏବଂ ଏଥିପାଇଁ କେତେ ଅର୍ଥ ବରାଦ କରାଯାଇଛି; ଏଥି ସହିତ ଆଗାମୀ ଆର୍ଥିକ ବର୍ଷ (୨୦୨୫-୨୬) ମଧ୍ୟରେ ଜୁଲୁମବାହାଲ କେନ୍ଦ୍ରର ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବାକୁ ସରକାରଙ୍କର କୌଣସି ଯୋଜନା ଅଛି କି?

----

## Cooperative Bank ସ୍ଥାପନ

***268 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OSCB ର ଶାଖା ଗୁଡିକ ମାତ୍ର 7ଟି ଜିଲ୍ଲାରେ ସୀମିତ ରହିବା ଦ୍ୱାରା ସୃଷ୍ଟି ହୋଇଥିବା 'ଆଞ୍ଚଳିକ ବ୍ୟାଙ୍କିଙ୍ଗ ବୈଷମ୍ୟ' ଦୂର କରିବା ପାଇଁ ସରକାରଙ୍କର କି ପଦକ୍ଷେପ ରହିଛି ; ସମବାୟ ନୀତି-2025-26 ଅଧୀନରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ District Central Cooperative Bank ସ୍ଥାପନ କିମ୍ବା ଶାଖା ସମ୍ପ୍ରସାରଣ ପାଇଁ ପ୍ରସ୍ତାବ ବିଚାରାଧୀନ ଅଛି କି ; ଯଦି ହଁ, ଏହି ଯୋଜନାର ରୂପରେଖ, ଆନୁମାନିକ ବ୍ୟୟ ଏବଂ ଏହା କେଉଁ ସମୟ ସୀମା ମଧ୍ୟରେ କାର୍ଯ୍ୟକାରୀ ହେବ?

----

## TPNODL ଦ୍ୱାରା CSR activities ରେ ପ୍ରକଳ୍ପ ପାଇଁ ବ୍ୟୟ ବରାଦ

***269 ଶ୍ରୀ ମାଧବ ଧଡା (ସୋରୋ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- TPNODL ଗତ 2 ବର୍ଷ ମଧ୍ୟରେ ସୋରୋ ନିର୍ବାଚନ ମଣ୍ଡଳୀରେ CSR activities କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି କେଉଁ କେଉଁ ପ୍ରକଳ୍ପରେ କେଉଁ ଆର୍ଥିକ ବର୍ଷରେ ବ୍ୟୟ ବରାଦ କରିଛନ୍ତି?

----

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଦ୍ୱାରା ଉପକୃତ ହିତାଧିକାରୀ

***270 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭିନ୍ନ କୌଳିକ ବୃତ୍ତିର ଦକ୍ଷତାର ବିକାଶ ପାଇଁ ରାଜ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରି ହେଉଥିଲା କି ; ଗତ ଦେଢ଼ବର୍ଷ ମଧ୍ୟରେ ଦେବଗଡ଼ ଜିଲ୍ଲାରେ କେତେଜଣ ହିତାକାରୀ ଉପକୃତ ହୋଇଛନ୍ତି ; ବର୍ତ୍ତମାନ ଏହି ଯୋଜନାର ସ୍ଥିତି କଣ ରହିଛି ; ଯୋଜନା ବନ୍ଦ ହେବାର କାରଣ କ'ଣ ?

----